ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଜିଲ୍ଲା କୃଷି ପାଣିପାଗ ବିଭାଗ
କୃଷି ବିଜ୍ଞାନ କେନ୍ଦ୍ର କଟକ
ଭାକୃଅନୁପ-ଜାତୀୟ ଧାନ ଗବେଷଣା କେନ୍ଦ୍ର, କଟକ

ବିଶେଷ ପତ୍ରିକା ସଂଖ୍ୟା-୦୫
ତାରିଖ-୨୮.୧୦.୨୦୨୫

# ଆଗାମୀ ସମ୍ଭାବ୍ୟ ବାତ୍ୟା ଜନିତ ପରିପେକ୍ଷିରେ କଟକ ଜିଲ୍ଲାରେ ହେବାକୁ ଥିବା ଭାରୀ ରୁ ଅତିଭାରୀ ବର୍ଷା ପାଇଁ କୃଷିପାଣିପାଗ ଉପଦେଶ

## ବିଷୟ- ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଭୟଙ୍କର ଘୂର୍ଣ୍ଣିଝଡ ‘ମୋନ୍ଥା’ :

ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଥିବା ଘୂର୍ଣ୍ଣିଝଡ ‘ମୋନ୍ଥା’ ଗତ ୬ଘ । ମଧ୍ୟରେ ୧୫ କିଲୋମିଟର ବେଗରେ ଉତର-ଉତରପଶ୍ଚିମ ଆଡକୁ ଗତି କରି ଏକ ଭୟଙ୍କର ଘୂର୍ଣ୍ଣିଝଡରେ ପରିଣତ ହୋଇଥିଲା ଏବଂ ଆଜି ୨୮ ଅକ୍ଟୋବର ୨୦୨୫ ତାରିଖ ୦୫.୩୦ ଘ ।ରେ କେନ୍ଦ୍ରିତ ହୋଇଥିଲା, ସେହି କ୍ଷେତ୍ର ଉପରେ, ୧୪.୭ ଡିଗ୍ରୀ ଉତର ଅକ୍ଷାଂଶ ଏବଂ ୮୩.୧ ଡିଗ୍ରୀ ପୂର୍ବ ଦ୍ରାଘିମା ନିକଟରେ, ମଛଲିପଟନମ୍ (ଆନ୍ଧ୍ରପ୍ରଦେଶ) ର ଦକ୍ଷିଣ-ଦକ୍ଷିଣ ପୂର୍ବରେ ପ୍ରାୟ ୧୬୦ କିଲୋମିଟର, କାକିନାଡା (ଆନ୍ଧ୍ରପ୍ରଦେଶ) ର ଦକ୍ଷିଣ-ଦକ୍ଷିଣପୂର୍ବରେ ୨୪୦ କିଲୋମିଟର, ବିଶାଖାପଟନମ୍ (ଆନ୍ଧ୍ରପ୍ରଦେଶ) ର ଦକ୍ଷିଣ-ଦକ୍ଷିଣପଶ୍ଚିମରେ ୩୨୦ କିଲୋମିଟର, ଗୋପାଳପୁର (ଓଡିଶା) ର ୫୩୦ କିଲୋମିଟର ଦକ୍ଷିଣ-ଦକ୍ଷିଣପଶ୍ଚିମରେ ।

ଏହା ଉତର-ଉତରପଶ୍ଚିମ ଦିଗରେ ଗତିକରି ଆଜି, ୨୮ ଅକ୍ଟୋବର ସନ୍ଧ୍ୟା/ରାତି ସମୟରେ କାକିନାଡା ପାଖାପାଖି ମଛଲିପଟନମ୍ ଏବଂ କଳିଙ୍ଗପଟନମ୍ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ଅଛି, ଯାହାର ସର୍ବାଧିକ ନିରନ୍ତର ପବନ ବେଗ ୯୦-୧୦୦ କିଲୋମିଟର ଘ ।ରୁ ୧୧୦ କିଲୋମିଟର ଘ । ପର୍ଯ୍ୟନ୍ତ ରହିବ ।

### କଟକ ଜିଲ୍ଲା ପାଇଁ ବର୍ଷା ପୂର୍ବାନୁମାନ

ମଙ୍ଗଳବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ ମଧ୍ୟମ ବର୍ଷା ସହ କିଛିକିଛି ଜାଗାରେ ଭାରି ବର୍ଷା/ଘଡଘଡି ସହ ବର୍ଷା ସହ ୪୦-୫୦ କି.ମି./ଘ । ସହ ୬୦ କି.ମି./ଘ । ଝଟକା ପବନ ସମ୍ଭାବନା ।

ବୁଧବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ ମଧ୍ୟମ ବର୍ଷା ସହ କିଛିକିଛି ଜାଗାରେ ଭାରି ବର୍ଷା/ଘଡଘଡି ସହ ବର୍ଷା ସହ ୪୦-୫୦ କି.ମି./ଘ । ସହ ୬୦ କି.ମି./ଘ । ଝଟକା ପବନ ସମ୍ଭାବନା ।

ଗୁରୁବାର - କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ ସାମାନ୍ୟ ରୁ ମଧ୍ୟମ ବର୍ଷା /ଘଡଘଡି ସହ ବର୍ଷା ସମ୍ଭାବନା ।

ଶୁକ୍ରବାର - କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ ଅତିକମ୍ ରୁ କମ୍ ବର୍ଷା /ଘଡଘଡି ସହ ବର୍ଷା ସମ୍ଭାବନା ।

ଶନିବାର- କଟକ ଜିଲ୍ଲାର ଅଧିକାଂଶ ବ୍ଲକ ଗୁଡିକରେ ଅତିକମ୍ ରୁ କମ୍ ବର୍ଷା /ଘଡଘଡି ସହ ବର୍ଷା ସମ୍ଭାବନା ।

### ବର୍ଷା ପୂର୍ବାନୁମାନ ପ୍ରଭାବ ଜନିତ କୃଷିପାଣିପାଗ ଜନିତ ଉପଦେଶ

| ଜିଲ୍ଲା | ଫସଲ / ପନିପରିବା/ ଫଳ | ଅବସ୍ଥା | ଫସଲ / ପନିପରିବା/ ଫଳ ଉପରେ ପ୍ରଭାବ | କୃଷିପାଣିପାଗ ଉପଦେଶ |
|---|---|---|---|---|
| କଟକ | ଖରିଫ ଧାନ | ଅମଳ ଅବସ୍ଥା | • ଜଳମଗ୍ନ ପରିସ୍ଥିତି ଯୋଗୁଁ ଧାନ ଗଛ ପଡିଯିବା<br> | • ଧାନ ଫସଲ କୁ ଅମଳ କରି ସୁରକ୍ଷିତ ସ୍ଥାନରେ ବା ଆବଦ୍ଧ କୋଠରୀରେ ଘୋଡାଇ ରଖନ୍ତୁ (ଯଦି ଧାନ ୮୫% ଅମଳ ଅବସ୍ଥାରେ ଥିବ) ଓ ଅମଳ ହୋଇସାରିଥିବା ଧାନକୁ ବୁଧବାର ପରେ ବାହାରେ ଶୁଖାନ୍ତୁ ନାହିଁ ।<br>• ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ ।<br>• ଅମଳ ହୋଇସାରିଥିବା ଧାନକୁ ବାହାରେ ବା ଖୋଲା ଜାଗାରେ ସୁଖାନ୍ତୁ ନାହିଁ । ଏହାକୁ ପଲିଥିନ ଦ୍ଵାରା ଶୁଷ୍କ ପାଗ ଆସିବା ପର୍ଯ୍ୟନ୍ତ ଘୋଡାଇ ରଖନ୍ତୁ । |

| | | | | |
|---|---|---|---|---|
| | | | • ଜମିରେ ଅମଳ ଅବସ୍ଥାରେ ଥିବା ଧାନ ମଞ୍ଜିରୁ ଗଜା ବାହାରିବା<br> | |
| | **ଖରିଫ ଧାନ** | ଗର୍ଭ ଧାରଣ ଅବସ୍ଥା | • ଜଳମଗ୍ନ ପରିସ୍ଥିତି ଯୋଗୁଁ ବିଭିନ୍ନ ରୋଗ ପୋକ ଯଥା<br>• ପତ୍ରଛାଦପୋଡା, ପତ୍ରପୋଡା, କାଣ୍ଡପଚା, ମହିଷା ରୋଗ ଓ କାହାଳୀ/ବଙ୍ଗୀପୋକ, ଚକଡା, ପତ୍ରମୋଡା, ଲେଡାପୋକ । | • ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ ।<br>• ଧାନ ଜମିରେ ଗର୍ଭଧାରଣ ସମୟରେ (ଥୋଡ/କେଣ୍ଡା ଅବସ୍ଥା) ୫-୧୦ ସେ.ମି. ଜଳସ୍ତର ରଖି ବଳକା ଜଳକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ଯଦି ବର୍ତମାନ **ମହିଷା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋଅକ୍ସିଷ୍ଟ୍ରବିନ ୨୫% ଡବ୍ଲୁଜି @ ୦.୪ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ୭-୧୦ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ ।<br>• ଯଦି ବର୍ତମାନ ଧାନ ଗଛରେ **ପତ୍ରପୋଡା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ପ୍ଲାଟେ ।ମାଇସିନ ୧ଗ୍ରାମ କୁ ପ୍ରତି ଲି. ପାଣିରେ ଓ କପରଅକ୍ସିକ୍ଲୋରାଇଡ ୧ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି ଧାନଗଛରେ **ପତ୍ରଛାଦପୋଡା** ରୋଗ ଲାଗେ ତେବେ ଅଧିକ ୟୁରିଆ ସାର ପ୍ରୟୋଗ କରନ୍ତୁ ନାହିଁ । ରୋଗର ନିରାକରଣ ପାଇଁ କାର୍ବେଣ୍ଡାଜିମ ୨ଗ୍ରା. ପ୍ରତି ଲି. କିମ୍ବା ପ୍ରପିକୋନାଜୋଲ ୧ମି.ଲି. ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ବର୍ତମାନ ଯଦି ଧାନରେ **କଣ୍ଡାସଢା ରୋଗ** ଦେଖାଯାଏ ତେବେ ଅଧିକା ଜଳକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ ପ୍ରତିକାର ପାଇଁ ଗଛରେ କାର୍ବେଣ୍ଡାଜିମ୍ ୫୦ WP ୧ଗ୍ରା. କିମ୍ବା ଇଡିଫେନଫସ୍ ୫୦ଇ.ସି. @ ୧ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ସଞ୍ଚନ କରନ୍ତୁ ।<br>• ବର୍ତମାନର ମେଘୁଆ ପାଗ ଓ ରାତିର କମ୍ ତାପମାତ୍ରା (୨୧-୨୩ ଡିଗ୍ରୀ.ସି.) **ଚକଡା/ମାଟିଆଗୁଣ୍ଡି ପୋକ** ପାଇଁ ଅନୁକୂଳ ପରିବେଶ ଯଦି ଏହା ଲାଗେ ତେବେ ଜମିର ସୁଖ୍ର ପରିବେଶ କୁ ପରିବର୍ତନ କରି ଓଦା ଓ ଶୁଷ୍କ ଅଦଳ ବଦଳ ଭାବେ ରଖନ୍ତୁ । ଏହାର ନିରାକରଣ ପାଇଁ ପାଇମେଟ୍ରଜିନ୍ ୫୦% WG @ ୪୦ଗ୍ରାମ କିମ୍ବା ବ୍ୟୁପ୍ରଫେଜିନ୍ @ ୩୩୦ମି.ଲି. କିମ୍ବା |

| | | | | |
|---|---|---|---|---|
| | | | | ଇମିଡାକ୍ଲୋପିଡ୍ ୧୭.୮% ଏସ.ଏଲ. @ ୫୦ମି.ଲି. କୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି ଧାନ ଗଛରେ **ବଙ୍ଗୀୟ ପୋକ** ଦେଖାଯାଏ ତେବେ ଥାୟୋମିଥୋକ୍ସାନ୍ ୨୫% WG @ ୪୦ଗ୍ରାମ ପ୍ରତି ଏକର କିମ୍ବା ଫିପ୍ରୋନିଲ୍ ୫% SC @ ୪୦୦ମି.ଲି. ପ୍ରତି ଏକର କୁ ୨୦୦ଲି. ପଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଯଦି ଧାନଗଛରେ ବର୍ତମାନର ବର୍ଷାପରେ **ଲେଡାପୋକ** ଲାଗେ ତେବେ ବର୍ଷା ପରେ କ୍ଲୋରୋପାଇରିଫସ୍ ୫% ଏସ୍.ସି କୁ ୨ମି.ଲି. ପ୍ରତି ଲି. ପାଣିରେ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରନ୍ତୁ ।<br>• ମେଘୁଆ ପାଗ ଯୋଗୁ ଆଗରୁ ଲଗାଯାଇଥିବା ଧାନ ଜମିରେ **ପତ୍ରମୋଡା ପୋକ** ସମ୍ଭାବନା ଅଛି ଏହାପାଇଁ ଫିପ୍ରୋନିଲ ୫%SC କୁ ପ୍ରତି ଲି. ପାଣିରେ ୨ମି.ଲି. ହିସାବରେ କିମ୍ବା କ୍ଲୋରାନଟ୍ରାନିପୋଲ ୧୮.୫%SC କୁ ପ୍ରତି ୧୦ଲି. ପାଣିରେ ୩ମି.ଲି. ହିସାବରେ ମିଶାଇ ଶୁଷ୍କ ପାଗରେ ସିଞ୍ଚନ କରନ୍ତୁ । |
| | **ଆଖୁ** | ୬-୭ ମାସ ଅବସ୍ଥା | • ଭାରି ବର୍ଷା ଯୋଗୁଁ ଜଳମଗ୍ନ ପରିସ୍ଥିତ<br><br>• ନାଳି ସଢା ଓ ଝାଉଁଳା ରୋଗ<br>  | • ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ ।<br>• ଯଦି **ନାଲିସଢା ଓ ଝାଉଁଳା ରୋଗ** ଦେଖାଯାଏ ତେବେ ମାନକୋଜେବ୍ ୬୪% ଡବ୍ଲୁପି+ ମେଟାଲାକ୍ସିଲ୍ ୮% @ ୪୦୦ଗ୍ରା. କୁ ୨୦୦ଲି. ପାଣିରେ ମିଶାଇ ପ୍ରତି ଏକର ହିସାବରେ ପ୍ରୟୋଗ କରନ୍ତୁ । |
| | **ମକା** | ୬୦-୭୦ ଦିନ ଅବସ୍ଥା | • ଭାରି ବର୍ଷା ଯୋଗୁଁ ଜଳମଗ୍ନ ପରିସ୍ଥିତ<br><br>• **ପତ୍ରପୋଡା, କାଣ୍ଡ ପଚା ଓ ଫଲଆର୍ମୀ ୱାର୍ମ କୀଟ** | • ଜମିରୁ ଅଧିକା ଜଳକୁ ନିଷ୍କସନ ପାଇଁ ନାଳିର ବ୍ୟବସ୍ଥା କରନ୍ତୁ ।<br>• ଯବକ୍ଷାରଯାନ ସାର ପ୍ରୟୋଗ କମାନ୍ତୁ ଏବଂ ପଟାସ ଓ ଫସଫରସ ସାରର ପ୍ରୟୋଗ ବଢାନ୍ତୁ ।<br>• ମକା ଫସଲରେ **ଫଲଆର୍ମୀ ୱାର୍ମ** ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ଗ୍ରା. ଏମୋମେକ୍ଟିନ ବେଞ୍ଜୋଏଟ ୫%ଏସ୍.ଜି କିମ୍ବା ୮୦ମି.ଲି. କ୍ଲୋରାନ-ଟ୍ରାନିଲୋପ୍ରଲୋ ୧୮.୫%ଏସ.ସି. ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଅଧିକା ବର୍ଷା ଓ ମେଘୁଆ ପାଗ ଯୋଗୁଁ **କାଣ୍ଡପଚା ରୋଗ** ଲାଗିବାର ସମ୍ଭାବନା ଥାଏ । ଏହା ଦେଖାଗଲେ କପରଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲୁପି |

| | | | | |
|---|---|---|---|---|
| | | | | ୩ଗ୍ରାମ କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । <br>• ଯଦି ମକାରେ ବର୍ଷା ପାଗ ଯୋଗୁ **ପଟି ସଦୃଶ୍ୟ ପତ୍ରପୋଡା ରୋଗ** ଲାଗେ ତେବେ ଏହାର ନିରାକରଣ ପାଇଁ ଭାଲିଡାମାଇସିନ ୩.୦% ଏସଏଲ କିମ୍ବା ହେକ୍ସାକୋନାଜୋଲ ୫.୦% ଇସି ୪୦୦ ମିଲି. କୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| | ରବି ଫସଲ ( **ଡାଲି ଜାତୀୟ** : ମୁଗ, ବିରି, **ତୈଳ ଜାତୀୟ:** ସୋରିଷ, ଚିନାବାଦାମ) | ପ୍ରଥମିକ ଅଙ୍ଗୀୟ ଅବସ୍ଥା/ ବୁଣିବା ଅବସ୍ଥା | • ବିହନ ସ୍ଥାନାନ୍ତିକରଣ <br>• ଜମିରେ ଜଳମଗ୍ନ ପରିସ୍ଥିତି ଯୋଗୁଁ ବିହନ ଗଜା ହେବାରେ ହ୍ରାସ | • ରବି ଜାତୀୟ ଡାଲି ଓ ତୈଳବୀଜ ଫସଲ ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ ଓ ବର୍ଷା ପରେ ବୁଣନ୍ତୁ । <br>• ସାର ଓ କୀଟନାଶକ ପ୍ରୟୋଗ, ଜଳସେଚନ ସାମୟିକ ସ୍ଥଗିର ରଖନ୍ତୁ । <br>• ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । <br>• ଜମିରେ ମାଟିର ବତରକୁ ଆବଶ୍ୟକ ପରିମାଣରେ ନିୟନ୍ତ୍ରଣ କରନ୍ତୁ । |
| | ପନିପରିବା (**ଫୁଲକୋବି, ବ୍ରୋକଲି, ବନ୍ଧାକୋବି, ନାଲି ବନ୍ଧାକୋବି**) | ଅଙ୍ଗୀୟ ରୁ ଫୁଲ / କଢ ଆସିବା ଅବସ୍ଥା | • କୋବିରେ ରଙ୍ଗ ଉଡିଯିବା, ସଢିଯିବା ଏବଂ ଫାଟିଯିବା <br>• ଚାରା ନଷ୍ଟ ହୋଇଯିବା <br> <br> <br> | • ଅମଳ ଉପଯୋଗୀ ପନିପରିବାକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ । <br>• ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ । <br>• ରବି ଜାତୀୟ ପନିପରିବା ତଳିଘରା ବା ନର୍ସରୀକୁ ପଲିଥିନ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

| | | | | |
|---|---|---|---|---|
| | **ପନିପରିବା (ଆଳୁ, ପିଆଜ, ଧନିଆ)** | ବୁଣିବା / ଚାରା ଅବସ୍ଥା | • ବିହନ ସ୍ଥାନାନ୍ତରଣ<br>• ଜମିରେ ଠିଆ ପାଣି ଯୋଗୁଁ ବିହନ ଗଜା ହେବାରେ ହ୍ରାସ<br>• ଚାରା ନଷ୍ଟ ହୋଇଯିବା<br><br> | • ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ ।<br>• ପନିପରିବା ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ ଓ ବର୍ଷା ପରେ ବୁଣନ୍ତୁ ।<br>• ଜମିରେ ମାଟିର ବତରକୁ ଆବଶ୍ୟକ ପରିମାଣରେ ନିୟନ୍ତ୍ରଣ କରନ୍ତୁ ।<br>• ରବି ଜାତୀୟ ପନିପରିବା ତଳିଘରା ବା ନର୍ସରୀକୁ ପଲିଥିନ ଦ୍ଵାରା ଆଚ୍ଛାଦିକରଣ କରନ୍ତୁ । |
| | **ପନିପରିବା (ବାଇଗଣ, ଟୋମାଟ, ଲଙ୍କା)** | ଅଙ୍ଗୀୟ ରୁ ଅମଳ ଅବସ୍ଥା | • ଗଛ ପଡିଯିବା<br>• ଫଳ ନଷ୍ଟ ହେବା / ଫୁଲ ଝଡିପଡିବା<br>• ଗଛ ଝାଉଁଳି ପଡିବା<br> | • ଅମଳ ଉପଯୋଗୀ ପନିପରିବାକୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ ।<br>• ପନିପରିବା ତଳିଘରା ବା ନର୍ସରୀକୁ ପଲିଥିନ ଦ୍ଵାରା ଆଚ୍ଛାଦିକରଣ କରନ୍ତୁ ।<br>• ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ ।<br>• ପନିପରିବା ଗଛକୁ ବାଉଁଶ କିମ୍ବା ତାର ଦ୍ଵାରା ଭରା ଦିଅନ୍ତୁ ଯାହାଦ୍ଵାରା ଏହା ମୂଳରୁ ପଡିବ ନାହିଁ । |
| | **ପନିପରିବା (ଗାଜର, ମୁଳା)** | ବୁଣିବା / ଚାରା ଅବସ୍ଥା | • ବିହନ ସ୍ଥାନାନ୍ତରଣ<br>• ଜମିରେ ଠିଆ ପାଣି ଯୋଗୁଁ ବିହନ ଗଜା ହେବାରେ ହ୍ରାସ<br>• ଚାରା ନଷ୍ଟ ହୋଇଯିବା | • ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ ।<br>• ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ ଓ ବର୍ଷା ପରେ ବୁଣନ୍ତୁ । |

| | | | | |
|---|---|---|---|---|
| | ପନିପରିବା (ଝୁଡଙ୍ଗ, ଜହ୍ନି) | ଅମଳ ଅବସ୍ଥା | • ଗଛ ପଡିଯିବା<br>• ଛୁଇଁ ବା ଫଳ ନଷ୍ଟ ହୋଇଯିବା | • ଅମଳ ଉପଯୋଗୀ ପନିପରିବା/ ଛୁଇଁ କୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ ।<br>• ପନିପରିବା ଗଛକୁ ବାଉଁଶ କିମ୍ବା ତାର ଦ୍ୱାରା ଭରା ଦିଅନ୍ତୁ ଯାହାଦ୍ୱାରା ଏହା ମୂଳରୁ ପଡିବ ନାହିଁ । |
| | ଫଳ (କଦଳୀ, ଅମୃତଭଣ୍ଡା, ଲେମ୍ବୁ) | ଅଙ୍ଗୀୟ ରୁ ଫଳ ଆସିବା ଅବସ୍ଥା | • ଗଛ ପଡିଯିବା<br>• ଫଳ ନଷ୍ଟ ହେବା<br><br> | • କଦଳୀ ଓ ଅମୃତଭଣ୍ଡା ଗଛକୁ ବାଉଁଶ ଦ୍ୱାରା ଭରା ଦିଅନ୍ତୁ ଯାହାଦ୍ୱାରା ଏହା ମୂଳରୁ ପଡିବ ନାହିଁ ।<br>• ଜମିରେ ଜଳ ନିଷ୍କାସନ ପାଇଁ ପ୍ରାକ୍ ବ୍ୟବସ୍ଥା କରନ୍ତୁ ।<br>• ଅମଳ ଉପଯୋଗୀ ଫଳ କୁ ଯଥାଶୀଘ୍ର ତୋଳି ଆଣି ବଜାରରେ ବିକ୍ରୟ ବ୍ୟବସ୍ଥା କରନ୍ତୁ । |
| | ଛତୁ (ଝିଙ୍ଗିରି ଓ ପାଳ ଛତୁ) | ଝିଙ୍ଗିରି- ଭାଡି ପ୍ରସ୍ତୁତ / ମଞ୍ଜି ପକାଇବା<br>ପାଳ- ଅମଳ ଅବସ୍ଥା | • ମଞ୍ଜି ନଷ୍ଟ<br>• ନଡା ପଚିଯିବା<br>• ଭାଡି ଭାଙ୍ଗିଯିବା | • ଝିଙ୍ଗିରି ଛତୁ ମଞ୍ଜି ବୁଣାବୁଣି କୁ ସାମୟିକ ସ୍ଥଗିତ ରଖନ୍ତୁ ।<br>• ଛତୁ ଭାଡିକୁ ଭଲଭାବେ ବାନ୍ଧି ରଖନ୍ତୁ ଯେପରିକି ଏହା ପବନ ଦ୍ୱାରା ପ୍ରଭାବିତ ହେବ ନାହିଁ ।<br>• ନଡାକୁ ବାହାରେ ଶୁଖାନ୍ତୁ ନାହିଁ । ଏହାକୁ ପଲିଥିନ ଦ୍ୱାରା ଘୋଡାଇ ରଖନ୍ତୁ ।<br>• ପାଳ ଛତୁ ପରିପକ୍ୱ ଅବସ୍ଥାରେ ଥିଲେ ଏହାକୁ ତୋଳି ଆଣି ସୁରକ୍ଷିତ ସ୍ଥାନରେ ରଖନ୍ତୁ । |

| | | | | |
|---|---|---|---|---|
| | **ଗୃହପାଳିତ ପଶୁପକ୍ଷୀ** | | | • ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଗୁହାଳ ଓ ଫାର୍ମରେ ରଖନ୍ତୁ ଓ ଛାତକୁ ମଜବୁତ ରଖନ୍ତୁ ।<br>• ଗୃହପାଳିତ ପଶୁପକ୍ଷୀଙ୍କୁ ବର୍ଷାରେ ବାହାରକୁ ଛାଡନ୍ତୁ ନାହିଁ ଓ ବୁଧବାର ଠାରୁ ୫-୬ଦିନ ପାଇଁ ଖାଦ୍ୟ ଓ ପାନୀୟଜଳ ମହଜୁଦ ରଖନ୍ତୁ । |